
ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏନ୍‌ଡିଆରଏଫ୍ ଟିମ୍ ଦ୍ୱାରା ରୋଗୀଙ୍କୁ ଅଣାଯାଉଛି।

# ଦୁର୍ଦ୍ଦଶା ଆଣିଛି ବନ୍ୟା

ଯାଜପୁର ଅଫିସ/କୋରେଇ/ଦଶରଥପୁର (ଡି.ଏନ.ଏ.),୨୯।୮

- ଦଶରଥପୁରଠାରେ ଦେଢ଼ ମିଟର ଉଚ୍ଚରେ ବନ୍ୟାଜଳ
- ୨୦ ନମ୍ବର ଏନ୍‌ଏଚ୍‌ର ଦୂବକଣ-କଇଁଆକୁ ଯୋଗାଯୋଗ ବିଚ୍ଛିନ୍ନ
- ପାଣିଘେରରେ ୩୫ ପଞ୍ଚାୟତବାସୀ
- ଦୁଃଖ ଆଣିଲା ଖରସ୍ରୋତାର ବନ୍ୟାପାଣି

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଆନନ୍ଦପୁର, ଆଖୁଆପଦା ଓ ବଲ୍ଲଭିଘାଟଠାରେ ଜଳପତ୍ତନ ବିପଦସଙ୍କେତ ତଳେ ରହିଛି। ହେଲେ ଦଶରଥପୁରଠାରେ ଜଳପତ୍ତନ ବିପଦସଙ୍କେତଠାରୁ ଦେଢ ମିଟର ଉଚ୍ଚରେ ରହିଥିବାରୁ କୋରେଇ, ଯାଜପୁର ଓ ଦଶରଥପୁର ବ୍ଲକର ୩୫ ପଞ୍ଚାୟତର ପ୍ରାୟ ୨୦୦ ଗ୍ରାମବାସୀ ଏବେବି ଜଳଘେରରେ ରହିଛନ୍ତି। ଅନ୍ୟପକ୍ଷେ ୨୦ ଜାତୀୟ ରାଜପଥର ଦୂବକଣ-କଇଁଆ, ସୁସୁଆ-ପାରିପଦା, ବଇଁଷପାନ-କୁଅଁରସାହି, ଛତ୍ରପଡା-ବିଞ୍ଝାରପୁର ପ୍ରଭୃତି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ନଦୀର ଜଳପତ୍ତନ ହ୍ରାସ ପାଇଥିଲେ ହେଁ ବ୍ରାହ୍ମଣୀର ଶାଖାନଦୀ ଖରସ୍ରୋତାର ଜଳପତ୍ତନ ବୃଦ୍ଧି ପାଇ ୩ ଘାଇ ଜରିଆରେ ବନ୍ୟାପାଣି ପଶି ଦଶରଥପୁର, ଅକରପଡା, ତଳିହା, ଚଷାଖଣ୍ଡ, ଅସନପୁର ଆଦି ଗ୍ରାମରେ ବନ୍ୟା ବିପ୍ରାତ ସୃଷ୍ଟି କରିଛି। ଚଷାଖଣ୍ଡ ଓ ଅକରପଡା ସ୍କୁଲରେ ବନ୍ୟାବିପନ୍ନଙ୍କୁ ରଖି ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। କମାରଡ଼ିହ, କଇଁଆ, ଖାନନଗର ଆଦି ଗ୍ରାମର ଶତାଧିକ ଗାଈଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପ୍ରାଣୀଙ୍କୁ ୨୦ ନମ୍ବର ଜାତୀୟ ରାଜପଥରେ ବାନ୍ଧି ରଖାଯାଇଥିବା ଦେଖିବାକୁ ମିଳିଛି। ଏହାବାଦ କୋରେଇ ବ୍ଲକର ଅମୃତିଆ, ମୁକୁନ୍ଦପୁର, ବଡବିରୁହାଁ, ତଣ୍ଡରା, ମୂଳାପାଳ, ବନ୍ଦାଳୋ, ଗୋଳେଇପୁର, ଗୌରପୁର, ରଣପୁର, ଅସନଝର ଆଦି ୧୧ ପଞ୍ଚାୟତର ୫୫ ଗ୍ରାମର ୪୪,୭୧୯ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦୁର୍ଗତଙ୍କୁ ତଣ୍ଡରା ଓ ଗୋଳେଇପୁର ପଞ୍ଚାୟତରେ ଥଇଥାନ କରାଯାଇ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଖରସ୍ରୋତା ନଦୀର ବନ୍ୟା ପାଣିରେ କୋରେଇ ବ୍ଲକ ଗୋଳେଇପୁର ଓ ତଣ୍ଡରା ପଞ୍ଚାୟତ ଜଳଘେରରେ ଥିବାବେଳେ ଏକ ନିର୍ମାଣାଧୀନ ଶୀତଳଭଣ୍ଡାର ପାଣିରେ ବୁଡି ରହିଛି। କୋରେଇ ବ୍ଲକର ବୈତରଣୀ ନଦୀ ପାଖାପାଖି ଅଞ୍ଚଳରେ କୌଣସି ବାତ୍ୟା ଆଶ୍ରୟସ୍ଥଳୀ ନ ଥିବାରୁ ବନ୍ୟା ବିପନ୍ନମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହିସବୁ ବନ୍ୟା ପ୍ରଭାବିତ ବ୍ଲକ ଅଞ୍ଚଳରେ ଖରିଫ ଚାଷ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଛି। ଯାଜପୁର ଜିଲାର ସମସ୍ତ ବ୍ଲକର ୧୩୮ ପଞ୍ଚାୟତ ୫୯୭ ଗ୍ରାମର ୬,୦୯,୮୬୯ ଲୋକ ସିଧା ପ୍ରଭାବିତ ହୋଇଥିବା ସରକାରୀ ଭାବେ ଦର୍ଶାଯାଇଛି। ୨୨୪ଟି ଥଇଥାନ କେନ୍ଦ୍ରରେ ୪୨,୭୨୧ ବନ୍ୟାବିପନ୍ନଙ୍କୁ ଥଇଥାନ କରାଯାଇଛି। ୨,୮୬,୩୨୭ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ୧୩ ହଜାର ୯୩୮ ପ୍ରାଣୀଙ୍କ ମୃତାହତ ହୋଇଛି। ୬୪,୨୩୨ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ଇଚ୍ଛାପୁର ଗ୍ରାମର ବନ୍ୟାସ୍ଥିତିର ସମୀକ୍ଷା କରାଯାଇଛି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଶନିବାର ସନ୍ଧ୍ୟା ସୁଦ୍ଧା ବୈତରଣୀ ନଦୀର ଆନନ୍ଦପୁର ଠାରେ ବିପଦସଙ୍କେତ ୩୮.୩୬ ମିଟର ସ୍ଥଳେ ୩୫.୦୯ ମିଟର, ଆଖୁଆପଦାଠାରେ ୧୭.୮୩ ମିଟର ସ୍ଥଳେ ୧୭.୮୧ ମିଟର, ବଲ୍ଲଭିଘାଟଠାରେ ୧୩.୩୪ ମିଟର ସ୍ଥଳେ ୧୨.୯୦ ମିଟର ଓ ଦଶରଥପୁରଠାରେ ୯.୫୨ ମିଟର ସ୍ଥଳେ ୧୧.୦୫ ମିଟର ବନ୍ୟାଜଳ ପ୍ରବାହିତ ହେଉଛି।


ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଞ୍ଚଳର ଏକ କୋଠା ଘର ବୁଡ଼ିଯାଇଥିବାରୁ ପରିବାର ଛାତ ଉପରେ ଆଶ୍ରୟ ନେଇଛନ୍ତି।


ବରୀ ଅଞ୍ଚଳର ଏକ କୋଠା ଘରର ତଳ ମହଲା ବନ୍ୟା ପାଣିରେ ବୁଡ଼ିଯାଇଛି।


ବରୀ ବ୍ଲକ ଉଦୟନାଥପୁର ପଞ୍ଚାୟତ ୭ନଂ ୱାର୍ଡର ସୁବାସିନୀ ସାମଲଙ୍କ ଘର ଭୁଶୁଡ଼ିପଡିଛି।

## ବହୁ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ଚଣ୍ଡିଖୋଲ,୨୯।୮(ଡି.ଏନ.ଏ.)

ପ୍ରଳୟଙ୍କାରୀ ବନ୍ୟାରେ ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ ଦେଇ ପ୍ରବାହିତ ବିରୂପା, ଗେଙ୍ଗୁଟି, କେଲୁଅ ଓ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଯୋଗୁ ମଝିପଡ଼ା, ଗୋପାଳପୁର, ବାଲିପଡ଼ିଆ, ଚାରିନଙ୍ଗଳ, ପତରାଜପୁର, ବାଲିଚନ୍ଦ୍ରପୁର, ମାଣ୍ଡୁକା ଆଦି ପଞ୍ଚାୟତ ପାଣିଘେରରେ ରହିଛି। ଫଳରେ ଏସବୁ ପଞ୍ଚାୟତର ମଝିପଡ଼ା, ଚଣ୍ଡିଆ, ବନମାଳିପୁର, ଗୋପାଳପୁର, କଳାଶ୍ରୀ, ଗଜେନ୍ଦ୍ରପୁର, ଆମ୍ବସୌରୀ, ଚାରିନଙ୍ଗଳ, ରୁକୁଟିପାଟ, ପତରାଜପୁର, ନାନପୁର, ଖଡ଼କପୁର, ଦେକୁରୀ ଆଦି ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଶତାଧିକ ଘରେ ପାଣି ପଶିବାରୁ ଲୋକେ ପରିବାର ସହ ଗୃହପାଳିତ ପଶୁଙ୍କୁ ନେଇ ଦୟନୀୟଭାବେ ଦିନ କାଟୁଛନ୍ତି। କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ସୀମାନ୍ତରେ ରହିଥିବା ବେଣିପୁର ଘେରିବନ୍ଧରେ ଘାଇ ସୃଷ୍ଟି ହେବା ଯୋଗୁ ବଡ଼ଚଣା ବ୍ଲକର ଦେକୁରୀଗ୍ରାମ ବୁଡିଯାଇଛି। ଗ୍ରାମର କୌଣସି ଲୋକେ ଆସବାବପତ୍ର ଉଦ୍ଧାର କରି ପରିନାହାନ୍ତି। କେତେଜଣ ଛାତ ଉପରେ ଆଶ୍ରୟ ନେଇଥିବାବେଳେ ଅନେକ ଗ୍ରାମଛାଡି ବନ୍ଧ ଉପରେ ରହିଛନ୍ତି। ସେହିପରି ଚଣ୍ଡିଆ, କଳାଶ୍ରୀ, ଚାରିନଙ୍ଗଳ, ଗୋପାଳପୁର ଆଦି ଗ୍ରାମର ଅନେକ ଲୋକ ଗ୍ରାମଛାଡି ଉଚ୍ଚସ୍ଥାନରେ ଆଶ୍ରୟ ନେଇଛନ୍ତି। ହଜାରହଜାର ହେକ୍ଟର ଚାଷଜମି ବୁଡ଼ିରହିଥିବାବେଳେ ଶତାଧିକ କଚ୍ଚାଘର ଭାଙ୍ଗିଯାଇଛି। ଅନେକ ଲୋକେ ଭୋକ ଉପାସରେ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ନଳକୂପ, କୂଅ ଆଦି ବୁଡିଯାଇଥିବାରୁ ଲୋକେ ପାନୀୟ ଜଳ ପାଇପାରୁନାହାନ୍ତି। ଫଳରେ ବନ୍ୟାଜଳକୁ ପାନୀୟ ଜଳଭାବେ ବ୍ୟବହାର କରୁଛନ୍ତି। ତୁରନ୍ତ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବିହୋଇଛି। ଶୁକ୍ରବାର ବନ୍ୟାଜଳ ବୃଦ୍ଧିପାଉଥିବା ଦେଖି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତି, ବିଡିଓ ଅଜିତ ନାରାୟଣ ଗିରି ପ୍ରମୁଖ ପତରାଜପୁର, ଆମ୍ବସୌରୀ, ଚାରିନଙ୍ଗଳ, କଳାଶ୍ରୀ, ଗୋପାଳପୁର, ଖଡକପୁର, ଟିଗିରିଆ ଓ ଦେକୁରୀ ଆଦି ଗ୍ରାମ ପରିଦର୍ଶନ କରିଥିଲେ।

## ରମ୍ଭାପୁର, ନିରଘାଟଠାରେ ଘାଇ

ଧର୍ମଶାଳା,୨୯।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀର ଡାହାଣ ପାର୍ଶ୍ୱ ରମ୍ଭାପୁର ଓ ବାମପାର୍ଶ୍ୱ ନିରଘାଟ(ବାସୁଦେବପୁରରେ)ଠାରେ ଶୁକ୍ରବାର ରାତିରେ ଘାଇ ହେବାଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ବ୍ଲକର ୨୨ ପଞ୍ଚାୟତରେ ୧୦୮ଟି ଗ୍ରାମର ୮୧ ହଜାର ୬୮୭ ଜଣ ପାଣି ଘେରରେଥିବା ପ୍ରଶାସନ ପକ୍ଷରୁ ଜଣାଯାଇଛି। ସେହିପରି ରମ୍ଭାପୁରଠାରେ ଘାଇ ହେବା ଫଳରେ ଉକ୍ତ ସ୍ଥାନରେ ଏକ ବାଇକ ସହ ସେଠାରେ ଛିଡା ହୋଇଥିବା ୨ଯୁବକ ଭାସିଯାଇଥିଲେ। ଭାସିଯାଇଥିବା କାଏମା ଅଞ୍ଚଳର ଦେବେନ୍ଦ୍ର ସାହୁ ଓ ଆନିଆ ବାରିକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ବ୍ରାହ୍ମଣୀ ନଦୀ ବନ୍ୟାରେ ଧର୍ମଶାଳା ବ୍ଲକର ୨ଟି, ରସୁଲପୁର ବ୍ଲକରେ ୪ଟି, ବରୀ ବ୍ଲକରେ ୧୪ ଏପରି ମୋଟ ୨୦ଟି ଘାଇ ସୃଷ୍ଟି ହୋଇଛି। ଜାରକା ଜଳସେଚନ ବିଭାଗ ଅଧୀନରେ ଥିବା ୩୨୫.୯୦କିମି ନଦୀ ବନ୍ଧରେ ଏହି ଘାଇ ଗୁଡିକ ସୃଷ୍ଟି ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ, ବିଡିଓ ସ୍ମିତା ରଥ, ନିର୍ବାହୀ ଯନ୍ତ୍ରୀ ଇଂ ଦେବାଶିଷ ନାୟକ, ସହକାରୀ ଯନ୍ତ୍ରୀ କାମଦେବ ଦାସ ପ୍ରମୁଖ ରମ୍ଭାପୁର ଘାଇ ପରିଦର୍ଶନ କରିଥିଲେ। ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର କରି ରନ୍ଧା ଖାଦ୍ୟ ଦେବା ଲାଗି ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାସିଯାଉଥିବା ଯୁବକ ଉଦ୍ଧାର

ଯାଜପୁର ଅଫିସ,୨୯।୮


ଚନ୍ଦନ ବେହେରା।

ଅଗ୍ନିଶମ ବିଭାଗର ଉଦ୍ୟମ ଯୋଗୁ ବନ୍ୟା ପାଣିରେ ଭାସିଯାଉଥିବା ଯୁବକ ଚନ୍ଦନ ବେହେରାଙ୍କ ଜୀବନ ରକ୍ଷା କରାଯାଇପାରିଛି। ଚନ୍ଦନଙ୍କ ଘର ରସୁଲପୁର ବ୍ଲକ ଖଣ୍ଡାସ ପଞ୍ଚାୟତର କେଶପୁର ଗ୍ରାମରେ। ଖରସ୍ରୋତା ବନ୍ୟାଜଳ ଗାଁରେ ପଶିବାରୁ ସେ ଓ ତାଙ୍କ ପରିବାର ଲୋକେ ଶୁକ୍ରବାର ନିରାପଦ ଆଶ୍ରୟସ୍ଥଳକୁ ଆସୁଥିଲେ। ଏହି ସମୟରେ ଚନ୍ଦନଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାସ୍ରୋତରେ ଭାସି ଯାଇଥିଲେ। ସୌଭାଗ୍ୟକୁ ସେ ଏକ ଗଛରେ ଅଟକି ରହି ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ହେଲେ ରାତି ହୋଇଯାଇଥିବାରୁ ଉଦ୍ଧାର କରିବା କଷ୍ଟସାଧ୍ୟ ଥିଲା। ଏନେଇ ସୂଚନା ପାଇବା ପରେ ଜିଲାପାଳ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ବିଡିଓ ଉମାକାନ୍ତ ପରିଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଅଗ୍ନିଶମ ବିଭାଗର ହାବିଲଦାର ବାବାଜୀ ଚରଣ ଦାସଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନଙ୍କ ଉଦ୍ୟମକ୍ରମେ ଚନ୍ଦନଙ୍କୁ ଉଦ୍ଧାର କରାଯାଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଗୋଟିଏ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲା ବୋଲି ଜିଲାପାଳ କହିବା ସହ କୃତଜ୍ଞତା ଜଣାଇଥିଲେ।

## ପାଣି ଘେରରେ ଶତାଧିକ ପରିବାର

ବିଞ୍ଝାରପୁର,୨୯।୮(ଡି.ଏନ.ଏ.)

ଖରସ୍ରୋତାରେ ଜଳସ୍ତର ଶନିବାର ସାମାନ୍ୟ କମିଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା କିନ୍ତୁ ବଢ଼ିଛି। ବିପନ୍ନ ଘର ଛାଡି ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଶନିବାର ବିଧାୟିକା ପ୍ରମିଳା ମଲ୍ଲିକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପ୍ରମୁଖ ଡଙ୍ଗା ସାହାଯ୍ୟରେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବ୍ଲକର କଲ୍ୟାଣପୁର, କଣ୍ଟିପୁର, ରଣପୁର, ମଲ୍ଲୀପୁର ଆଦି ଗ୍ରାମରେ ପାଣି ଘେରରେ ଥିବା ବିପନ୍ନଙ୍କୁ ଭେଟିବା ସହ ସୁଖିଲା ଖାଦ୍ୟ ବଣ୍ଟନ କରିଥିବା ଜଣାଯାଇଛି। ବ୍ଲକର ଦୁଇଟି ସ୍ଥାନରେ ଘାଇ ସୃଷ୍ଟିହୋଇ ହଜାରହଜାର ପରିବାରକୁ ପ୍ରଭାବିତ କରିଛି। ବିଭିନ୍ନ ଗାଁରେ ପାଣିପଶି ବହୁ ଘର ଭାଙ୍ଗିଛି। ଶହଶହ ପରିବାର ପାଣି ଘେରରେଅଛନ୍ତି। ପାଣି ପଶିବାରୁ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି। ପାଣିଘେରରେ ଥିବା ବିପନ୍ନ ଭୋକ ଉପାସରେ ନଦୀବନ୍ଧ ଉପରେ ଦିନ କାଟୁଛନ୍ତି। ବହୁ ବିପନ୍ନ ପାଣିଘେରରେ ଥିବାବେଳେ ପ୍ରଶାସନ ତରଫରୁ ଉଦ୍ଧାର କରାଯାଇ ନ ଥିବାରୁ ବିଭିନ୍ନ ସାମାଜିକ ସଂଗଠନର କର୍ମୀ ବିପନ୍ନଙ୍କୁ ଉଦ୍ଧାର କରିବା ସହ ଖାଦ୍ୟ ସାମଗ୍ରୀ ଯୋଗାଇଥିବା ଦେଖିବାକୁ ମିଳିଛି।

# ବିପଦ ସଙ୍କେତ ଉପରେ ବ୍ରାହ୍ମଣୀ, ଖରସ୍ରୋତା

ଯାଜପୁର ଅଫିସ/ରସୁଲପୁର/ବରୀ (ଡି.ଏନ.ଏ.),୨୯।୮

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଖରସ୍ରୋତାର ବିଭିନ୍ନ ସ୍ଥାନରେ ଶନିବାର ସନ୍ଧ୍ୟା ସୁଦ୍ଧା ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଶୁକ୍ରବାର ଅପେକ୍ଷା ଜଳପତ୍ତନ ସାମାନ୍ୟ ହ୍ରାସ ହୋଇଥିଲେ ହେଁ ବନ୍ୟାଦୁର୍ଗତଙ୍କ ଦୁର୍ଦ୍ଦଶା ଆହୁରି ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦସଙ୍କେତ ୬୭ ଫୁଟ ରହିଥିବାବେଳେ ୬୯.୧୦ ଫୁଟ ଜଳପତ୍ତନ ରହିଛି । ସେହିପରି ଖରସ୍ରୋତାର ବିଞ୍ଝାରପୁରଠାରେ ବିପଦସଙ୍କେତ ୧୦.୩୦ ମିଟରରୁ ୧୦.୩୪ ମିଟର ଓ ସିଂହପୁରଠାରେ ବିପଦସଙ୍କେତ ୬.୭୨ ମିଟରରୁ ୭.୦୯ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ରେଙ୍ଗାଲି ଡ୍ୟାମ୍‌ରୁ ଅଧିକ ବନ୍ୟାଜଳ ଛଡ଼ାଗଲେ ପରିସ୍ଥିତି ସଙ୍ଗିନ ହେବ ବୋଲି କୁହାଯାଉଛି। ଶୁକ୍ରବାର ବ୍ରାହ୍ମଣୀ ଓ ଖରସ୍ରୋତା ନଦୀବନ୍ଧରେ ୨୬ ଘାଇ ସୃଷ୍ଟି ହୋଇଥିଲା। ଫଳରେ ବରୀ, ରସୁଲପୁର, ବିଞ୍ଝାରପୁର, ସୁକିନ୍ଦା ଓ ଧର୍ମଶାଳା ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ବରୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସାହାସପୁରଠାରୁ କାଇପଡ଼ା ପର୍ଯ୍ୟନ୍ତ ୧୮ କିମି ରାସ୍ତାରେ ଶନିବାର ୭ ଫୁଟ ଉଚ୍ଚ ବନ୍ୟା ଜଳ ପ୍ରବାହିତ ହେଉଛି। ଏହାସହ ଗୋଳକୁଣ୍ଡ ଇନ୍ଦୁପୁର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବରୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବରୀ ବ୍ଲକରେ ସବୁଠୁ ଅଧିକ ୧୦ଟି ଘାଇ ସୃଷ୍ଟି ହୋଇ ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଥିଲେ ମଧ୍ୟ ବ୍ଲକ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ ବୋଲି ଅଭିଯୋଗ ହୋଇଛି। ବରୀ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ମଧୁସୂଦନପୁର, ଅଙ୍ଗାଳୋ, କଳାମାଟିଆ, ଅନ୍ୟାସୀପୁର, ବାଲିବିଲ, ଅଲିପୁର, ବରୀ, ଅରଙ୍ଗାବାଦ, ଉଦୟନାଥପୁର, ରତଳାଙ୍ଗ, ଭଅଁରା, ବୋଦୁଅ, କିମ୍ବିରିଆପାଳ, ଅଟିରା, ବାଇଁଶିରିଆ, ସେରପୁର, ଗମ୍ଭୁ, ମନ୍ଦାରୀ ପ୍ରଭୃତି ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୩ ଫୁଟର ବନ୍ୟାପାଣି ପଶିଯିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ଏହାବାଦ ରସୁଲପୁର ବ୍ଲକ ଅଞ୍ଚଳର ୫୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ବନ୍ୟା ପ୍ରଭାବିତ କରିଛି। ୧୦ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ୫ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇଛି।


ଧର୍ମଶାଳା ବ୍ଲକର ରମ୍ଭାପୁରଠାରେ ହୋଇଥିବା ଘାଇ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଜେନାପୁର,୨୯।୮(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ-ଜାରକା ନଦୀବନ୍ଧ ରାସ୍ତାର ବ୍ରହ୍ମପୁର ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜେନାପୁର ପଞ୍ଚାୟତ ଅଧୀନ ଏରକ୍ଷଣା ଗ୍ରାମର ତୋଫାନ ମଳିକ ଓରଫ ନଣ୍ଡା (୪୫)। ଆହତ ବ୍ୟକ୍ତି ମର୍ଜିତାପୁର ପଞ୍ଚାୟତ ଅଧୀନ ବାଲିଗରି ପାଟଣା ଗ୍ରାମର ବିଜୟ ମଲିକ (୪୦)ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ନଣ୍ଡା ତାଙ୍କ ଶଳାଙ୍କ ପୁତୁରା ବିଜୟଙ୍କ ସାଙ୍ଗରେ ବାଇକରେ ବସି ତାଙ୍କ ଶଶୁର ଘର ବାଲିଗରି ପାଟଣା ଗ୍ରାମକୁ ଯାଉଥିଲେ। ବ୍ରହ୍ମପୁର ଛକ ନିକଟରେ ଏକ ଷଣ୍ଢ ହଠାତ ପଶିଯିବାରୁ ଉଭୟ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ନଣ୍ଡାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବନ୍ୟାଜଳରେ ବୁଡ଼ିରହିଛି ଶସ୍ୟକ୍ଷେତ୍ର

**ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.):** ୪ଦିନ ହେବ ଲଘୁଚାପ ଜନିତ ବର୍ଷା ଫଳରେ ମହାନଦୀରେ ବନ୍ୟା ସୃଷ୍ଟି ହୋଇଛି। ମହାନଦୀ ଓ କମେଇ ନଦୀର ବନ୍ୟାଜଳ ଖଣ୍ଡପଡା ଓ ଭାପୁର ବ୍ଲକର ଧାନ, ଆଖୁ, ମକା, ଓ ପନିପରିବା ଫସଲକୁ ବୁଡାଇ ରଖିଛି। ଘଣାଶାଳିଆ, ବାଣପୁର, ଲକ୍ଷ୍ମୀପ୍ରସାଦ, ପଥରଚକଡା ଆଦି ନଦୀକୂଳିଆ ଅଞ୍ଚଳରେ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି। ମହାନଦୀରେ ୧୩ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିଲେ ମଧ୍ୟ ସେପରି କୌଣସି ବିପଦ ନ ଥିବା କଣ୍ଟିଲୋ ଜଳସମ୍ପଦ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ପାଣିରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

**ଏରସମା,୨୯।୮(ସ୍ୱ.ପ୍ର.):** ଏରସମା ଥାନା ଅନ୍ତର୍ଗତ ଜିରାଇଲୋ ଶରବା ରାସ୍ତା ମଝିରେ ଥିବା ଏକ ପାଣିପାଟରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ଚାଉଳିଆ ଗ୍ରାମର ଶେଖ୍ ନୁରୁଲ ଇସଲାମଙ୍କ ପୁଅ ଶେଖ ନାସିର ସାହା(୧୮)। ସେ ସକାଳେ ବାଇକ୍‌ରେ ଜଗତ୍‌ସିଂହପୁର ଯାଉଥିଲେ। ବାଟରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ଆଶଙ୍କା କରାଯାଉଛି। ଖବରପାଇ ଏଏସ୍‌ଆଇ ଅରବିନ୍ଦ ରାଉଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ନାସିରଙ୍କ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ଡାକ୍ତରଖାନାକୁ ପଠାଇଛନ୍ତି। ଏନେଇ ଥାନାରେ ମାମଲା (ନଂ-୧୬୨/୨୦) ରୁଜୁ କରାଯାଇଛି।

## ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିରୁ ଜଳ ନିଷ୍କାସନ ହେଉନି

**ରସୁଲପୁର,୨୯।୮(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ଅତଲାପୁର ପଞ୍ଚାୟତର ସଂଖ୍ୟାଲଘୁ(ମୁସଲିମ୍ ସମ୍ପ୍ରଦାୟ)ବସ୍ତିରେ ବର୍ଷା ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ବସ୍ତିରେ ବର୍ଷାଜଳ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବସ୍ତିର ୩, ୫, ୬, ୭ ଓ ୮ ନମ୍ବର ୱାର୍ଡରେ ବସବାସ କରୁଥିବା ୨୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଏକପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ଅପରିଷ୍କାର ପାଣି ଜମି ରହୁଥିବାରୁ ବାସିନ୍ଦାଙ୍କ ମଧ୍ୟରେ ଥଣ୍ଡା, କାଶ, ଜ୍ୱର, କରୋନା ଭଳି ମାରାତ୍ମକ ରୋଗର ଭୟ ବଢୁଛି। ବସ୍ତି ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଘର ନିର୍ମାଣ ହୋଇଛି। ଘରଗୁଡିକ ରାସ୍ତାଠାରୁ ଉଚ୍ଚା ରହିବା ଓ ଗାଁ ରାସ୍ତା ଖାଲୁଆ ରହୁଥିବାରୁ ବର୍ଷାଜଳ ଜମିରହୁଛି। ଏ ଦିଗରେ ବସ୍ତି ଲୋକେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭକରି ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ଅବଗତ କରାଇଥିଲେ। ତେଣୁ ବର୍ଷାଜଳର ସ୍ଥିତି ସମୀକ୍ଷା କରିବାକୁ ବିଧାୟିକା ପହଞ୍ଚିଥିଲେ। ତାଙ୍କୁ ମହିଳାମାନେ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପରେ ବିଧାୟିକା ଦାସ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ପରଖିବା ସହ ବିଭାଗୀୟ ଉପଖଣ୍ଡ ଅଧିକାରୀ ରାଜକିଶୋର ସାହୁ, ସରପଞ୍ଚ ପ୍ରଫୁଲ୍ଲ ସାହୁ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସଙ୍କୁ ନେଇ ଏକ ଆଲୋଚନା କରିଥିଲେ। ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ବିଧାୟିକା କହିପଥିଲେ।

# ୩ ନଦୀରେ ବଢୁଛି ଜଳସ୍ତର


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବେଲପାଳ ଗ୍ରାମର ଜଣଙ୍କ ଘରେ ବନ୍ୟାଜଳ ପଶିଛି।

**କେନ୍ଦ୍ରାପଡ଼ା ଜିଲା**
- **୧୦** ସ୍ଥାନରେ ଘାଇ, ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ
- ଭାସିଗଲା ଗାଡ଼ି, ଜଣେ ନିଖୋଜ
- ସଚିବ ହେମନ୍ତ ଶର୍ମାଙ୍କ ସମୀକ୍ଷା ବୈଠକ
- ସ୍ଥିତି ତଦାରଖ କଲେ ଜଳ ସମ୍ପଦ ବିଭାଗ ମନ୍ତ୍ରୀ


ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ଗାଁରେ ବନ୍ୟାଜଳ।

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ/ପଟ୍ଟାମୁଣ୍ଡାଇ/ରାଜନଗର/ରାଜକନିକା (ସ୍ୱ.ପ୍ର./ଡି.ଏନ.ଏ.), ୨୯।୮**

ବିରୂପା, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳସ୍ତର ବଢ଼ିବା ଫଳରେ କେନ୍ଦ୍ରାପଡ଼ା ଜିଲାର ୧୦ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ରାଜକନିକା, ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଡେରାବିଶ ବ୍ଲକ ଅଞ୍ଚଳର ଦେଢଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଛନ୍ତି। ସେହିପରି ଡେରାବିଶ ବ୍ଲକ ବେଣୀପୁରଠାରେ ଶୁକ୍ରବାର ହୋଇଥିବା ଘାଇରେ ଯାଜପୁରରୁ କଟକ ଫେରୁଥିବା ଏକ ଟାଟା ଏସିଇ ଗାଡି ଭାସିଯାଇଥିଲା। ଏଥିରେ ଏକ ମୋବାଇଲ କମ୍ପାନୀର ଥିବା ୯ କର୍ମଚାରୀ ସୁରକ୍ଷିତ ଥିବାବେଳେ ଜଣଙ୍କର ପତ୍ତା ମିଳିନାହିଁ। ବନ୍ୟା ପ୍ରପୀଡିତ ଅଞ୍ଚଳରେ ଓଡ୍ରାଫ୍, ଅଗ୍ନିଶମ ବାହିନୀ, ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟାସ୍ଥିତି ତଦାରଖ ପାଇଁ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଗସ୍ତ କରିଥିଲେ। ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସହ ମନ୍ତ୍ରୀ ଦାସ ମାର୍ଶାଘାଇ ଓ ଗରଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ।

ମହାନଦୀ ସିଷ୍ଟମରେ ଥିବା ପାଇକା, ଲୁଣା, କରାଣ୍ଡିଆ, ଚିତ୍ରୋପ୍ତଳା, ଗୋବରୀ ଓ ମହାନଦୀର ବିଭିନ୍ନ ସ୍ଥାନରେ ବିପଦସଙ୍କେତ ଉପରେ ଜଳସ୍ତର ଅଛି। ବନ୍ୟା ସ୍ଥିତି ଗମ୍ଭୀର ଥିବାବେଳେ ସଚିବ ହେମନ୍ତ ଶର୍ମା କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିରୂପା ନଦୀର ବେଣୀପୁରଠାରେ ହୋଇଥିବା ଘାଇ ଶନିବାର ଅପରାହ୍ନ ସୁଦ୍ଧା ୧୦୦ ଫୁଟରୁ ଊର୍ଦ୍ଧ୍ୱ ଚଉଡା ହୋଇଛି। ଏଠାରେ ଥିବା ୨୦୦ ଲୋକଙ୍କୁ ଓଡ୍ରାଫ, ଅଗ୍ନିଶମ ବାହିନୀ, ସାମାଜିକ କର୍ମୀ ଦେବାଶିଷ ଆଚାର୍ଯ୍ୟ, ଅଧ୍ୟାପକ ଅଜୟ କୁମାର ରାଉତ, ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ନେତୃତ୍ୱରେ ଉଦ୍ଧାର କରାଯାଇଛି। ସେହିପରି ବ୍ରାହ୍ମଣୀ ନଦୀର ନୀଳକଣ୍ଠପୁର ଗ୍ରାମ ଘେରିବନ୍ଧର ସୁଧାଂଶୁ ତ୍ରିପାଠୀ, ଚତୁର୍ଭୁଜ କର, ନିର୍ମଳ ସାହୁଙ୍କ ଘର ନିକଟରେ ୩ଟି ଘାଇ ହୋଇଛି। ଏହି ପଞ୍ଚାୟତର ୫ ଓ ୬ନଂ. ୱାର୍ଡରେ ପାଣି ପଶିବା ଯୋଗୁ ପ୍ରାୟ ୨ ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଏହି ନଦୀରେ ବନ୍ୟା ପାଣି ସଂସାରଫଳ ପଞ୍ଚାୟତ ଅଞ୍ଚଳରେ ୨ଟି ଘାଇ ସୃଷ୍ଟି କରିଛି। ଖରସ୍ରୋତା ନଦୀର ବନ୍ୟାଜଳ ଆଳି ବ୍ଲକ ଅଞ୍ଚଳର ମଙ୍ଗଳା ମନ୍ଦିର, ବାରିକ ସାହି ସମେତ ୪ଟି ସ୍ଥାନରେ ଘାଇ ସୃଷ୍ଟି କରିଛି। ଏଥିସହିତ ବ୍ରାହ୍ମଣୀ, ଖରସ୍ରୋତା, ବିରୂପା ନଦୀ ବନ୍ୟା ଯୋଗୁ ରାଜନଗର ବ୍ଲକର ଧୋୟା ଅଞ୍ଚଳ ଜଳବନ୍ଦୀ ହୋଇଛି। ଧୋୟାଞ୍ଚଳରେ ଥିବା ୪ ପଞ୍ଚାୟତର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ଅପରାହ୍ନ ସୁଦ୍ଧା ମହାନଦୀ ସିଷ୍ଟମରେ ଥିବା ନଦୀଗୁଡିକର ବନ୍ୟା ଜଳସ୍ତର ବଢ଼ିବାରେ ଲାଗିଛି। ଡେରାବିଶ, ଗରଦପୁର, ମହାକାଳପଡା, ମାର୍ଶାଘାଇ, କେନ୍ଦ୍ରାପଡା ଓ ରାଜନଗର ବ୍ଲକ ଅଞ୍ଚଳର ୬୭ରୁ ଅଧିକ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ମହାନଦୀ ସିଷ୍ଟମରେ ଥିବା ନଦୀଗୁଡିକର ଜଳସ୍ତର ଅଧିକ ହେବ ବୋଲି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦୁର୍ବଳ ନଦୀବନ୍ଧର ଚିହ୍ନଟ ସହ ମରାମତି ହୋଇଥିଲା। ତେବେ ନୂଆ ମାଟି କେତେକ ସ୍ଥାନରେ ଘଳିଆ ସୃଷ୍ଟି କରିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମାତ୍ର ତିନିଦିନ ମଧ୍ୟରେ ସମାପ୍ତ ହୋଇଯିବ ବୋଲି ସେ ଆକଳନ କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ବନ୍ୟା ପ୍ରପୀଡିତଙ୍କ ପାଇଁ ପାନୀୟ ଜଳଠାରୁ ଆରମ୍ଭ କରି ଔଷଧ ପ୍ରଦାନର ବ୍ୟବସ୍ଥା ହୋଇଛି। ଜିଲାରେ ଥିବା ସମସ୍ତ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହ ୮ଟି ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଟିମ୍ କାର୍ଯ୍ୟ କରୁଛି। ପ୍ରତି ବ୍ଲକରେ ଶୁଖିଲା ଖାଦ୍ୟ ମହଜୁଦ ରଖାଯିବା ସହ ବିତରଣ ହେଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ବ୍ଲକରେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଉଠାଇ ଦିଆଯାଇଛି। ଏହି ସମୟ ମଧ୍ୟରେ ନିଜର ଆବଶ୍ୟକ ସାମଗ୍ରୀ ମହଜୁଦ ପାଇଁ ସୁଯୋଗ ଦିଆଯାଇଛି। ସମୀକ୍ଷା ବୈଠକ ପରେ ସଚିବ ଶର୍ମା କହିଛନ୍ତି, ଚଳିତ ବନ୍ୟାକୁ ଦୃଷ୍ଟିରେ ରଖି ଆଲୋଚନା ହୋଇଥିଲା। ଉଦ୍ଧାର କାର୍ଯ୍ୟ ସହ ଆବଶ୍ୟକ ପଦକ୍ଷେପ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲାପାଳ ଶର୍ମା, ଏଡିଏମ୍ ବସନ୍ତ କୁମାର ରାଉତ, ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।


ମାର୍ଶାଘାଇ ବ୍ଲକ ଅନ୍ତେଇଠାରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

# ଜଳବନ୍ଦୀରେ ୬୮ ଗାଁ

- ଡଙ୍ଗା ବ୍ୟବସ୍ଥା ନାହିଁ
- ବଢ଼ୁଛି ବନ୍ୟା ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା

**ନୟାଗଡ଼ଅଫିସ/ଗଣିଆ,୨୯।୮(ଡି.ଏନ୍.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକର ୬୮ ଗାଁ ଜଳବନ୍ଦୀରେ ରହିଛି। ଏହା ମଧ୍ୟରେ ଛାମୁଣ୍ଡିଆ ପଞ୍ଚାୟତର ୨୩, ବଡସିଲିଙ୍ଗାର ୩୩, ରାସଙ୍ଗର ୯, ବେଲପଡ଼ାର ୨, କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗାଁ ଅନ୍ତର୍ଭୁକ୍ତ। ଏହିସବୁ ଗାଁର ଲୋକେ ୩ଦିନ ଧରି ଜଳଘେରରେ ରହିଥିଲେ ସୁଦ୍ଧା ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ନାହାନ୍ତି। ଏପରି କି ବିଡିଓ କିମ୍ବା ଅନ୍ୟ କୌଣସି ଅଧିକାରୀ ବିପନ୍ନଙ୍କ ନିକଟରେ ପହଞ୍ଚି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଜଣେ ବିପନ୍ନଙ୍କ ସୂଚନା ଅନୁସାରେ ଏବେଠାରୁ ଏମିତି, ଆଗକୁ ଘରେ ପାଣି ପଶିଲେ କାହାରି ଦେଖା ମିଳିବ ନାହିଁ। ବିଗତ ଦିନର ବନ୍ୟାରେ ବେଠିଆସାହିରୁ ବରମୂଳ ମାଳିସାହି, ବରମୂଳ ଓ ବେଠିଆସାହି, ଛାମୁଣ୍ଡିଆ ବେଷ୍ଟପଡା, ମହୁକଣଠାରୁ ଛାମୁଣ୍ଡିଆ ପାଇଁ ୪ଟି ଡଙ୍ଗା ପଡୁଥିଲା। ହେଲେ ଚଳିତ ବନ୍ୟାରେ ଗୋଟିଏ ହେଲେ ଡଙ୍ଗା ପଡି ନାହିଁ। ବରମୂଳ ଓ ବରମୂଳ ମାଳିସାହିର ଲୋକେ ବିଡିଓଙ୍କୁ ଫେରାଦ ହେବା ପରେ ଶନିବାର ଗୋଟିଏ ଡଙ୍ଗା ଏଠାରେ ପଡିଛି। ଏହି ଡଙ୍ଗାରେ ଲୋକେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ଆଣିବା ପାଇଁ ଯାଇଥିବାର ଦେଖିବାକୁ ମିଳିଥିଲା। ଛାମୁଣ୍ଡିଆ ଅଞ୍ଚଳର କେତେଜଣ ବିପନ୍ନ ଅଭିଯୋଗ କରିବାକୁ ବି ସୁଯୋଗ ପାଉ ନ ଥିବା କ୍ଷୋଭର ସହ କହିଛନ୍ତି। ସେହିପରି ଜଳବନ୍ଦୀରେ ଥିବା ବିପନ୍ନଙ୍କୁ ରିଲିଫ୍ ଦିଆଯାଉ ନ ଥିବା ଅଭିଯୋଗ ଉଠିଛି। ଗଣିଆ ବଜାରକୁ ସାଧାରଣ ଲୋକେ ଯାଇପାରୁ ନ ଥିବାବେଳେ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ ନାହିଁ।

ପ୍ରକାଶ ଯେ, ଲଘୁଚାପ ବର୍ଷାରେ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ଯୋଗୁ ୪୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବରମୂଳଠାରେ ଥିବା ଗେଜ୍‌ମିଟରରେ ଶନିବାର ସନ୍ଧ୍ୟା ସୁଦ୍ଧା ୩୮ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏଠାରେ ୪୦ ଫୁଟ୍ ବନ୍ୟାଜଳ ପ୍ରବାହିତ ହେଲେ ଗଣିଆ ବ୍ଲକର ବିଭିନ୍ନ ଗାଁରେ ପାଣି ପଶିବ। ହୀରାକୁଦ ବନ୍ଧରୁ ଅଧିକ ଗେଟ ଖୋଲା ଯାଉଥିବାରୁ ବନ୍ୟାର ରୂପ ଭୟଙ୍କର ହେବେ ବୋଲି କୁହାଯାଉଛି। ଏଭଳିସ୍ଥିତିରେ ବରମୂଳ-କୁତୁରୀ ରାସ୍ତାର ବିଭିନ୍ନ ସ୍ଥାନରେ ମହାନଦୀର ବନ୍ୟାଜଳ ୫ରୁ ସାଢ଼େ ୬ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ସେହିଭଳି ରାସଙ୍ଗ-କାଦୁଆ ରାସ୍ତାରେ ୭ଫୁଟ୍, କଳାପାଟ-ବୃତ୍ତଙ୍ଗ ରାସ୍ତାରେ ସାଢ଼େ ୬ ଫୁଟ, ବେଷ୍ଟପଡା-ଛାମୁଣ୍ଡିଆ ରାସ୍ତାରେ ସାଢ଼େ ୪ ଫୁଟ୍, ମୁଦୁଲିଗାଡିଆ-ବଡମୂଳ ରାସ୍ତାରେ ୬ଫୁଟ୍ ବନ୍ୟାଜଳ ପ୍ରବାହିତ ହେଉଛି। ଏ ନେଇ ଗଣିଆ ବିଡିଓ ସିରିଅଲ ଶୁଭ୍ର ପଟେଲ କୁହନ୍ତି, ରାସଙ୍ଗଠାରେ ଏକ ବୋଟ୍ ପଡିଛି। ବରମୂଳ ଓ ବରମୂଳ ମାଳିସାହି ପାଇଁ ଏକ ଡଙ୍ଗା ଯୋଗାଇ ଦିଆଯାଇଛି। ରିଲିଫ୍ ସାମଗ୍ରୀ ମହଜୁଦ୍ ଅଛି। ବନ୍ୟା ସ୍ଥିତିର ସମୀକ୍ଷା କରାଯାଉଛି। ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବ।


ନୟାଗଡ଼ ଜିଲା ଗଣିଆ ବ୍ଲକର ବଡମୂଳ-କୁତୁରୀ ରାସ୍ତାରେ ବନ୍ୟାଜଳ।

## ଶ୍ରୀରଘୁନାଥଙ୍କୁ ସୁନା ଥାଳିଆରେ ଭୋଗଲାଗି

**ଓଡ଼ଗାଁ,୨୯।୮(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଶନିବାର ସୁନିଆ ପର୍ବ ପାଳିତ ହୋଇଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନ ଜନ୍ମ ମହୋତ୍ସବ ଅନୁଷ୍ଠିତ ହେବା ସହିତ ପରମ୍ପରା ଅନୁସାରେ ଏହି ଦିନଠାରୁ ଗଜପତି ମହାରାଜାଙ୍କ ନାମରେ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୨୮ ସାଲ ଆରମ୍ଭ ହୋଇଛି। ଶ୍ରୀଜୀଉମାନେ ସୁନିଆ ବିଧିବିଧାନ ନିମନ୍ତେ ଜୟ ବିଜୟ ଦ୍ୱାର ହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ। ବିଜେ ପ୍ରତିମାଙ୍କୁ ଷୋଡ଼ଶ ଉପଚାର ବିଧିରେ ୩ କାକରା ପିଠା (ରାଜ ଭୋଗ) ୩ଟି ସୁନା ଥାଳିଆରେ ଅର୍ପଣ କରାଯାଇଥିଲା। ଏହି ସମୟରେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ରହିଥିବା ବେଳେ ଚଳିତବର୍ଷ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଜିଲା ଟ୍ରେଜେରିରୁ ୩ ସୁନା ଥାଳି ଆସିଥିବା ବେଳେ ଶ୍ରୀଜୀଉଙ୍କ ସୁନା ମୁକୁଟ, କିରୀଟ ଆଦି ଆସି ନ ଥିଲା। ଏ ନେଇ ପୂଜକ ପରିଷଦ ଓ ଶ୍ରଦ୍ଧାଳୁଙ୍କ ମନରେ କ୍ଷୋଭ ରହିଥିବା ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।



ଶ୍ରୀ ରଘୁନାଥଙ୍କ ପୀଠରେ ସୁନିଆ ପର୍ବ ପାଳନ।

## ନୀଳମାଧବ ପୀଠରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

**ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ମନ୍ଦିରରେ ଶନିବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରୁ ଭଗବାନ ବିଷ୍ଣୁ ଶୟନ କରି କାର୍ତ୍ତିକ ଏକାଦଶୀରେ ନିଦ୍ରା ତ୍ୟାଗ କରିଥାନ୍ତି। ଭାଦ୍ରବ ଶୁକ୍ଳ ପକ୍ଷରେ ଶ୍ରୀ ଜୀଉ କଡ ଲେଉଟାଉଥିବାରୁ ଏହାକୁ ଠାକୁରଙ୍କ ପାର୍ଶ୍ୱ ପରିବର୍ତ୍ତନ କୁହାଯାଏ। ଏହି ଅବସରରେ ନୀଳମାଧବ ଜୀଉ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସକାଳ ଧୂପ ସମ୍ପନ୍ନ ପରେ ଅପରାହ୍ନ ପ୍ରାୟ ସାଢେ ୧ଟାରେ ବେଢା ପରିକ୍ରମା ଓ ମଙ୍ଗଳାର୍ପଣ ହୋଇଥିଲା। ରାତିରେ ପୁନର୍ବାର ୩ ଘେରା ବେଢା ପରିକ୍ରମା ପରେ ମହାଦୀପ ଉଠିଥିଲା।


ଶ୍ରୀନୀଳମାଧବ ଜୀଉଙ୍କ ବେଶ।

## ନୟାଗଡ଼ରେ ୧୨୦ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨୯।୮**

ନୟାଗଡ଼ ଜିଲାରୁ ଶନିବାର ୧୨୦ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୬୯ରେ ପହଞ୍ଚିଛି। ଅନ୍ୟପକ୍ଷେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ନୟାଗଡ଼ ତହସିଲଦାର ଭିକାରୀ ସାହୁ ନାଟୁଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛନ୍ତି। ୨୯ ରାତି ୧୦ଟାରୁ ୪ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ଜାରିରହିବ। ସେହିପରି ନୂଆଗାଁ ବିଡିଓ ପ୍ରମୋଦ ଦଳବେହେରା କରୋନା ଆକ୍ରାନ୍ତ ଚିହ୍ନଟ ପରେ ବ୍ଲକ କାର୍ଯ୍ୟାଳୟକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ୨୯ ପୂର୍ବାହ୍ନ ୧୦ଟାରୁ ୧ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ତହସିଲଦାର ଶରତ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

# ଶଙ୍ଖେଶ୍ୱର, ତାରପୁରରେ ବଢୁଛି ବନ୍ୟାଜଳ

**ଜଗତ୍‌ସିଂହପୁର ଅଫିସ/ବାଲିଆ/ତିର୍ତ୍ତୋଲ(ଡି.ଏନ୍.ଏ.)/ରାହାମା (ଡି.ଏନ୍.ଏ.) ୨୯।୮**

ଜଗତ୍‌ସିଂହପୁର ଜିଲାର ମହାନଦୀ, ଦେବୀ ଓ ପାଇକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଆଦୌ ଭୟଭୀତ ହେବାର ନାହିଁ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉଥିଲେ ମଧ୍ୟ ଲୋକେ ଆଶଙ୍କାରେ ରହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପାଇକା ନଦୀର ଶଙ୍ଖେଶ୍ୱର, ମହାନଦୀର ତାରପୁରଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ପାଇକା ନଦୀର ଶଙ୍ଖେଶ୍ୱରଠାରେ ବିପଦ ସଙ୍କେତ ୨୨.୭୫ ଫୁଟ ଥିବାବେଳେ ଶନିବାର ସକାଳ ୬ଟା ସୁଦ୍ଧା ସେଠାରେ ୨୪.୪୦ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ତାରପୁରରେ ଜଳପତନ ୧୦.୪୧ ମିଟର ଥିବା ରେକର୍ଡ କରାଯାଇଥିଲା। ତିର୍ତ୍ତୋଲରେ ୪.୬୦ମିଟର ଓ ଚୌଧୁରୀଗଡ଼ାରେ ୨.୯୦ ମିଟର ଜଳ ପ୍ରବାହିତ ହେଉଛି। କିନ୍ତୁ ଦେବୀ ନଦୀର ଦଳେଇ ଘାଇ, ଆଳିପିଙ୍ଗଳ, ମାଛଗାଁଠାରେ ବିପଦ ସଙ୍କେତ ତଳେ ଜଳ ପ୍ରବାହିତ ହେଉଛି। ଦଳେଇଘାଇଠାରେ ବିପଦ ସଙ୍କେତ ୫୭.୫ ମିଟର ଥିବା ବେଳେ ୫୫.୫ ଫୁଟ୍‌ରେ ବନ୍ୟାଜଳ ପ୍ରବାହିତ ହେଉଛି। ବିଲୁଆଖାଇ ନଦୀରେ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ରାହାମା ସନ୍ନିକଟ ୪ ପଞ୍ଚାୟତ ସାଇଲୋ, କାଠକୋଟ, ହଂସୁରା, ବାଲିକଣୀରେ ବନ୍ୟାଜଳ ପ୍ରବେଶ କରିଛି। ଗୋବର୍ଦ୍ଧନପୁର-ଖୋସାଲପୁର ରାସ୍ତାରେ ୩ଫୁଟ୍‌ରେ ପାଣି ଚାଲୁଥିବା ବେଳେ ରାହାମା ନିକଟସ୍ଥ ଗ୍ରାମ ହରିପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିର ରଖି ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍‌ର ଗୋଟିଏ ଲେଖାଏ ଟିମ୍ ସମେତ ୪ ଅଗ୍ନିଶମ ଦଳକୁ ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର, ବାଲିକୁଦା, ତିର୍ତ୍ତୋଲ ଓ ଏରସମା ବ୍ଲକକୁ ପଠାଯାଇଛି। ତିର୍ତ୍ତୋଲ ବ୍ଲକରେ ୩୪୦ ଓ ଜଗତ୍‌ସିଂହପୁର ବ୍ଲକର ୧୨ ଜଣ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ବଳ ନଦୀବନ୍ଧ ପ୍ରତି ସଜାଗ ଦୃଷ୍ଟି ରଖିବାକୁ ଜଳସମ୍ପଦ ବିଭାଗ ଜଗତ୍‌ସିଂହପୁର ଓ ମହାନଦୀ ସାଉଥ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ନିର୍ବାହୀ ଯନ୍ତ୍ରୀଙ୍କ ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଜଳମଗ୍ନ ଥିବା ୧୨ଟି ପଞ୍ଚାୟତକୁ ମୋବାଇଲ ହେଲ୍‌ଥ ଟିମ୍ ପଠାଇବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ୍ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାପକାମୁଡା ଇଞ୍ଜେକ୍‌ସନ୍, ହାଲୋଜିନ୍ ଟାବଲେଟ୍ ଆଦି ମହଜୁଦ୍ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ କୋଳର ପଞ୍ଚାୟତ ପାଇକା ସେତୁଠାରେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ସହ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଜଳସମ୍ପଦ ବିଭାଗ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।


ଦେବୀ ନଦୀର ଏରଡ଼ାଠାରେ ବନ୍ୟା ଜଳ ପ୍ରବାହିତ ହେଉଛି।

